## ଏହି ରିପୋର୍ଟ ସିରିଜ୍ ବିଷୟରେ

ଏହି ରିପୋର୍ଟ ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା ପ୍ରକଳ୍ପ (ନନ୍-ଜୁଡିସିଆଲ୍ ହ୍ୟୁମାନ୍ ରାଇଟ୍ସ ରେଡ୍ରେସ୍ ମେକାନିଜିମ୍ ପ୍ରୋଜେକ୍ଟ)ଦ୍ୱାରା ପ୍ରସ୍ତୁତ ଏକ ସିରିଜ୍‌ର ଅଂଶବିଶେଷ ଅଟେ, ଯାହା ପାଂଚ ବର୍ଷର ଗବେଷଣାର ନିଷ୍କର୍ଷରୁ ଆସିଛି। ଏହାର ତଥ୍ୟ ଗବେଷଣାରେ ଅନ୍ତର୍ଭୁକ୍ତ କେସ୍ ଷ୍ଟଡିଜ୍ ଏବଂ ୧,୧୦୦ ବ୍ୟକ୍ତିବିଶେଷଙ୍କ ସମେତ ସାରା ଦେଶରେ ୫୮୭ରୁ ଅଧିକ ସାକ୍ଷାତକାରକୁ ନେଇ ଆଧାରିତ ଅଟେ। ଅଣ-ନ୍ୟାୟିକ ସମାଧାନ ବ୍ୟବସ୍ଥା ଅଭିଯୋଗଗୁଡ଼ିକ ଗ୍ରହଣ ଓ ଅଭିଯୋଗରେ ମଧ୍ୟସ୍ଥତା କରେ, କିନ୍ତୁ ଆଇନଗତ ଭାବେ ମୀମାଂସା କରିବା ପାଇଁ ଏହା କ୍ଷମତାସଂପନ୍ନ ନୁହେଁ। ଏହି ପ୍ରକଳ୍ପର ଉଦ୍ଦେଶ୍ୟ ହେଉଛି ବହୁରାଷ୍ଟ୍ରୀୟ ବ୍ୟବସାୟ କାର୍ଯ୍ୟକଳାପ ସମ୍ବନ୍ଧିତ ମାନବାଧିକାର ଉଲ୍ଲଂଘନର ଅଭିଯୋଗ ଉପରେ ଏହି ବ୍ୟବସ୍ଥାର ପ୍ରଭାବକାରିତାକୁ ବିଶ୍ଳେଷଣ କରିବା। ଏହା ଏପରି ଭାବେ ଶିକ୍ଷାଦାନ ଓ ସୁପାରିସ ଉପସ୍ଥାପନ କରେ :

- ଅଣ-ନ୍ୟାୟିକ ବ୍ୟବସ୍ଥାଗୁଡ଼ିକ ବିପଦଗ୍ରସ୍ତ ସଂପ୍ରଦାୟ ଓ କର୍ମଚାରୀମାନଙ୍କର ସମାଧାନ ଓ ନ୍ୟାୟ ପ୍ରଦାନ କରିପାରିବେ
- ବିପଦଗ୍ରସ୍ତ ସଂପ୍ରଦାୟ ଓ କର୍ମଚାରୀମାନଙ୍କ ପାଇଁ ସମର୍ଥନ ଏବଂ ପ୍ରତିନିଧିତ୍ୱ ପ୍ରଦାନ କରିବା ପାଇଁ ବେସରକାରୀ ସଂସ୍ଥା ଓ କର୍ମଚାରୀମାନଙ୍କ ପ୍ରତିନିଧିମାନେ ଏହି ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ ଭାବେ ବ୍ୟବହାର କରିପାରିବେ
- ବ୍ୟବସାୟଗୁଡ଼ିକର କାର୍ଯ୍ୟ, ସପ୍ଲାଇ ଚେନ୍ ଏବଂ ଅନ୍ୟାନ୍ୟ ବ୍ୟବସାୟ ସମ୍ବନ୍ଧ ଦ୍ୱାରା ମାନବାଧିକାର ସମ୍ମାନ ଓ ପ୍ରତିକାରକୁ ଦୀର୍ଘକାଳୀନ ଏବଂ ଧାରଣୀୟ କରିବା ପ୍ରତି ସମାଧାନ ବ୍ୟବସ୍ଥା ଯୋଗଦାନ କରେ

ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା ପ୍ରକଳ୍ପ ହେଉଛି ମେଲବୋର୍ଣ୍ଣ ବିଶ୍ୱବିଦ୍ୟାଳୟ, ମୋନାଶ୍ ବିଶ୍ୱବିଦ୍ୟାଳୟ, ନିଉକାଷ୍ଟଲ୍ ବିଶ୍ୱବିଦ୍ୟାଳୟ, ଆରଏମ୍ଆଇଟି ବିଶ୍ୱବିଦ୍ୟାଳୟ, ଡେଇକିନ୍ ବିଶ୍ୱବିଦ୍ୟାଳୟ ଏବଂ ଏସେକ୍ସ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଏକ ଶୈକ୍ଷିକ ଗବେଷଣା। ପ୍ରୋଜେକ୍ଟ ପାଇଁ ପାଣ୍ଠି ବ୍ୟବସ୍ଥା ଅଷ୍ଟ୍ରେଲୀୟ ଗବେଷଣା ପରିଷଦ କରିଥିଲା ଯେଉଁଥିରେ କୋର୍ କୋଏଲିସନ୍ ୟୁକେ, ହୋମ୍‌ୱାର୍କର୍ସ ୱାର୍ଲଡ୍‌ୱାଇଡ୍, ଅକ୍ସଫାମ୍ ଅଷ୍ଟ୍ରେଲିଆ ଏବଂ ଆକ୍ସନଏଡ୍ ଅଷ୍ଟ୍ରେଲିଆ ସମେତ ଅନେକ ବେସରକାରୀ ସଂଗଠନର ସହଯୋଗ ଥିଲା। ଟିମ୍‌ର ପ୍ରମୁଖ ଗବେଷକମାନଙ୍କ ମଧ୍ୟରେ ଥିଲେ ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସ, ଡଃ. ଟିମ୍ କୋନ୍ନର, ଡଃ. ଆନି ଡେଲାନି, ପ୍ରଫେସର ଫିଓନା ହେନ୍ସ, ଡଃ. କେଟ୍ ମ୍ୟାକ୍‌ଡୋନାଲ୍ଡ, ଡଃ. ଶେଲୀ ମାର୍ଶାଲ, ମେ ମିଲର-ଡକିନ୍ସ ଏବଂ ସାରାହ ରେନି। ଡଃ. କେଟ୍ ମ୍ୟାକ୍‌ଡୋନାଲ୍ଡ ଏବଂ ଡଃ. ଶେଲୀ ମାର୍ଶାଲଙ୍କ ଦ୍ୱାରା ପ୍ରକଳ୍ପ ସଂଯୋଜିତ ହୋଇଥିଲା। ପ୍ରାସଂଗିକ ବିତର୍କ ପ୍ରତି ଏହି ରିପୋର୍ଟ ମୁକ୍ତ ବିଦ୍ୱାନ ଭାବେ ପ୍ରତିନିଧିତ୍ୱ କରେ। ଦୃଷ୍ଟିଭଙ୍ଗୀଗୁଡ଼ିକ ଲେଖକଙ୍କର ଅଟେ ଏବଂ ଯେଉଁ ସଂସ୍ଥାମାନେ ସହଯୋଗ ସମର୍ଥନ କରିଛନ୍ତି ସେମାନଙ୍କର ନୁହେଁ।

ଏହି ରିପୋର୍ଟର ଲେଖକ ହେଉଛନ୍ତି ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସ।

ଏହି ରିପୋର୍ଟ ସମ୍ବନ୍ଧିତ ପତ୍ରାଳାପ ପାଇଁ ଡଃ. ସମନ୍ଥା ବାଲାଟନ୍-କ୍ରିମ୍ସଙ୍କୁ Sam.b@deakin.edu.au କିମ୍ବା @SbcsbcC(Twitter)ରେ ସିଧାସଳଖ ଯୋଗାଯୋଗ କରନ୍ତୁ।

## କାର୍ଯ୍ୟସଂପାଦନ ସାରାଂଶ

ରିପୋର୍ଟର ଉଦ୍ଦେଶ୍ୟ

୧.	୨୦୧୨ରୁ ୨୦୧୩ ମଧ୍ୟରେ ହୋଇଥିବା କ୍ଷେତ୍ରୀୟ ସରଜମିନ୍ ଅନୁଧାନର ପ୍ରାଥମିକ ଚିତ୍ର ଅନୁଯାୟୀ, ରିପୋର୍ଟରୁ ଜଣାପଡ଼େ ଯେ ୟୁକେ ନ୍ୟାସନାଲ କଂଟାକ୍ଟ ପଏଂଟ୍ (UK NCP) ପୂର୍ବ-ଭାରତୀୟ ରାଜ୍ୟ ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ନିୟମଗିରି ପାହାଡ଼ରେ ପ୍ରସ୍ତାବିତ ଖଣି ଦ୍ୱାରା ପ୍ରଭାବିତ ଆଦିବାସୀ ସଂପ୍ରଦାୟଙ୍କ ସମସ୍ୟାର ସମାଧାନ କରିବାରେ ଭୂମିକା ନିର୍ବାହ କରିଥିଲା। ୟୁକେଏନପିସି ହେଉଛି ବହୁରାଷ୍ଟ୍ରୀୟ ଉଦ୍ୟୋଗ ମାର୍ଗଦର୍ଶିକା ପାଇଁ ଅର୍ଥନୈତିକ ସମନ୍ୱୟ ଏବଂ ବିକାଶ ସଂଗଠନ (OECD) ଅନୁଯାୟୀ ଗଠିତ ଏକ ଅଣ-ନ୍ୟାୟିକ ମାନବାଧିକାର ସମାଧାନ ବ୍ୟବସ୍ଥା । ଏହି ମାମଲା ୨୦୦୮ ଡିସେମ୍ବର ୧୯ ତାରିଖରେ ଇଂଲଣ୍ଡ ସ୍ଥିତ ଏକ ବେସରକାରୀ ସଂସ୍ଥା ସର୍ଭାଇଭାଲ୍ ଇଂଟରନ୍ୟାସନାଲ୍ ଦ୍ୱାରା ରୁଜୁ କରାଯାଇଥିଲା। ଏହି ମାମଲା ୟୁକେଏନସିପିକୁ ଅଣାଯାଇଥିଲା ଯେହେତୁ ବହୁରାଷ୍ଟ୍ରୀୟ କମ୍ପାନୀ ବେଦାନ୍ତ ଇଂଲଣ୍ଡ ଷ୍ଟକ୍ ଏକ୍ସଚେଂଜ୍‌ରେ ସୂଚୀବଦ୍ଧ ରହିଥିଲା।

ପ୍ରସ୍ତାବିତ ଖଣି ଏବଂ ଏହାର ପ୍ରଭାବ

୨.	ବେଦାନ୍ତର ଆଲୁମିନିୟମ୍ ଉତ୍ପାଦନ କାରଖାନାର ଏକ ଅଂଶବିଶେଷ ଭାବେ ଖଣିଟି ପ୍ରସ୍ତାବିତ ଥିଲା। ନିୟମଗିରି ପାହାଡ଼ର ପାଦଦେଶରେ, ଲାଂଜିଗଡ଼ ସ୍ଥିତ ଗ୍ରୀନଫିଲ୍ଡ ଆଲୁମିନିୟମ୍ ରିଫାଇନାରୀ ୨୦୦୮ରେ କାର୍ଯ୍ୟକ୍ଷମ ହୋଇଥିଲା। ରିଫାଇନାରୀକୁ ବକ୍ସାଇଟ୍ ଯୋଗାଣ ଏହି ଖଣିରୁ ହୋଇଥାନ୍ତା।

୩.	ପ୍ରସ୍ତାବିତ ଖଣି ଏବଂ ଆଲୁମିନିୟମ୍ ପ୍ରକଳ୍ପଟି ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ୪୫୦ କିଲୋମିଟର ଦୂରରେ ପରିବେଶଗତ ଗୁରୁତ୍ୱ ବହନ କରୁଥିବା ଅଂଚଳ ଭିତରେ ଅବସ୍ଥିତ। ନିୟମଗିରି ପାହାଡ଼ ବାଘ, କଲରାପତରିଆ ବାଘ, ହାତୀ, ଦେଶୀ ଭାଲୁ, ବଣ୍ଡୁକାଣ୍ଡା, ଡାଲି ଓଧ, ବେଲରା ମୂଷା, ଗୁରାଣ୍ଡି ଏବଂ ସମ୍ବର ଭଳି ପ୍ରାଣୀଙ୍କ ବାସସ୍ଥାନ ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶ ଅନ୍ତର୍ଜାତୀୟ ପ୍ରକୃତି ସଂରକ୍ଷଣ ସଂଗଠନ (ଇଂଟରନ୍ୟାସନାଲ ୟୁନିୟନ୍ ଫର୍ କଂଜରଭେସନ୍ ଅଫ୍ ନେଚର୍)ର ବିପଦଗ୍ରସ୍ତ ପ୍ରଜାତିର ରେଡ୍ ଲିଷ୍ଟରେ ରହିଛନ୍ତି। ଏହା ମଧ୍ୟ କନ୍ଧମାଳ ଓ କଳାହାଣ୍ଡି/କୋରାପୁଟ ଜଙ୍ଗଲ ମଧ୍ୟରେ ଚଳପ୍ରଚଳ ହେଉଥିବା ହାତୀମାନଙ୍କର ଚଳାପଥର ଅଂଶବିଶେଷ ଅଟେ। ଏହି ଅଂଚଳଟି ଆଦିବାସୀ ସଂପ୍ରଦାୟଙ୍କ କାଳ କାଳର ବାସସ୍ଥାନ। ନିୟମଗିରି ପାହାଡ଼ରେ ରହୁଥିବା ଡଙ୍ଗରିଆ କନ୍ଧମାନଙ୍କର ମାନବାଧିକାର ଅଧିକାର ଅଭିଯୋଗ ଉପରେ ଏହି ରିପୋର୍ଟ ଚିନ୍ତାବ୍ୟକ୍ତ କରେ।

୪.	ନିୟମଗିରି ପାହାଡ଼ କେବଳ ଡଙ୍ଗରିଆ କନ୍ଧମାନଙ୍କର ବାସସ୍ଥାନ ନୁହେଁ, ତାହା ସେମାନଙ୍କର ଏକ ପବିତ୍ର ସାଂସ୍କୃତିକ ଏବଂ ଧାର୍ମିକ ସ୍ଥଳୀ ମଧ୍ୟ। ନିୟମଗିରି ପାହାଡ଼ରେ ବେଦାନ୍ତର ଖଣି ଖନନ କାର୍ଯ୍ୟ ମୁକ୍ତ-ଅବାଧ, ଆଗୁଆ ସୂଚିତ ଓ ସହମତିରେ ଜମି ଅଧିଗ୍ରହଣ କରିବାରେ ବିଫଳତା, ପାରମ୍ପରିକ ଅଧିକାର, ପରିବେଶଗତ ଅଧିକାର ଏବଂ ମାନବିକ ସ୍ୱାସ୍ଥ୍ୟ ପ୍ରତି ଏହାର କ୍ଷତି ଆଦି ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ମାନବାଧିକାର ଚିନ୍ତାଉଦ୍ରେକ କରେ।

ଡଙ୍ଗରିଆ କନ୍ଧଙ୍କ ସମସ୍ୟାର ସମାଧାନ ପାଇଁ ଅଭିଯାନ

୫.	ବକ୍ସାଇଟ୍ ଖଣି ବିରୋଧରେ ଜଟିଳ ଏବଂ ନିରନ୍ତର ଅଭିଯାନ ସଂପର୍କରେ ରିପୋର୍ଟରୁ ଜଣାପଡ଼େ। ୨୦୦୩ରେ ଓଡ଼ିଶା ସରକାର ଓ ବେଦାନ୍ତ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାଠାରୁ, ବେଦାନ୍ତ ଆଇନଗତ ବିବାଦ ମଧ୍ୟରେ ଛନ୍ଦି ହେବା, ବହୁ ନ୍ୟାୟାଳୟରେ ମାମଲା ଚାଲିବା ଏବଂ ବିଭିନ୍ନ ରାଜନୈତିକ, ବିଚାର ବିଭାଗୀୟ ଏବଂ ଅଣ-ବିଚାର ବିଭାଗୀୟ ସମାଧାନ ବ୍ୟବସ୍ଥାରେ ସାମିଲ ହୋଇଛି।

୬.	ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ଅଭିଯାନରେ ବହୁ ଶ୍ରେଣୀୟ ବ୍ୟକ୍ତିବିଶେଷଙ୍କ ଯୋଗଦାନ ଯୋଗୁଁ ଏହା ଷଣ୍ଢୁଆଶି ଆକ୍ରମଣ ଭଳି ହୋଇଛି। ଅନ୍ତର୍ଜାତୀୟ ଏବଂ ଘରୋଇ ଚାପ ଏକାସମୟରେ ବେଦାନ୍ତ ତଥା ଏହାର ପ୍ରକଳ୍ପ ଉପରେ ପଡ଼ିଛି। ଅନ୍ୟପକ୍ଷରେ, ଆମନେଷ୍ଟି ଇଂଟରନ୍ୟାସନାଲ, ଆକ୍ସନ ଏଡ୍ ଏବଂ ସର୍ଭାଇଭାଲ୍ ଇଂଟରନ୍ୟାସନାଲ୍ ସମେତ ଅନେକ ବେସରକାରୀ ସଂଗଠନ (ଏନଜିଓ) ୟୁକେଏନସିପି ଅଭିଯୋଗ ଉତ୍ଥାପନ କରିବା ସହ ଶେୟାରହୋଲ୍ଡରଙ୍କ ପାଖରେ ଲବି କରିବା ରଣନୀତି ନେଇ ଅନ୍ତର୍ଜାତୀୟ ସ୍ତରରେ ସମର୍ଥନ ଅଭିଯାନ ଆରମ୍ଭ କରିଥିଲେ। ସେହି ସମୟରେ, ପ୍ରଶାସନିକ ସ୍ତରରେ ଗୁରୁତର ଭାବେ ଅନୁଶୀଳନ ସାଙ୍ଗକୁ ଭାରତରେ ମାମଲା ରୁଜୁ ଓ ଶୁଣାଣି ହୋଇଥିଲା, ଯାହାକୁ ସ୍ଥାନୀୟ

ସମର୍ଥକଙ୍କର ଏକ ପ୍ରତିବଦ୍ଧ ଗୋଷ୍ଠୀ ବ୍ୟାପକ ଭାବେ ସମର୍ଥନ କରିଥିଲେ। ରିପୋର୍ଟ ସୂଚାଏ ଯେ ବ୍ୟାପକ ଶ୍ରେଣୀର ସମାଧାନ ରଣନୀତିକୁ ବିଭିନ୍ନ ଷ୍ଟେକ୍‌ହୋଲ୍ଡରମାନେ ଉଭୟ ବ୍ୟକ୍ତିଗତ ଭାବେ ଏବଂ ସାମଗ୍ରିକ ପ୍ରଭାବ ଅନୁଯାୟୀ ଅନୁଧାବନ କରିଛନ୍ତି ଏବଂ ଏହି ରଣନୀତିଗୁଡ଼ିକର କାର୍ଯ୍ୟକାରିତାର ବିଶ୍ଳେଷଣ କରିଛନ୍ତି।

ୟୁକେଏନସିପି ସିଦ୍ଧାନ୍ତର ଫଳାଫଳ

୭. ୨୦୦୯ ସେପ୍ଟେମ୍ବର ୨୫ ତାରିଖରେ ୟୁକେଏନସିପି ନିର୍ଣ୍ଣୟ କରିଥିଲା ଯେ ବେଦାନ୍ତ ବହୁରାଷ୍ଟ୍ରୀୟ ଉଦ୍ୟୋଗ ନିମନ୍ତେ ଓଇସିଡି ଗାଇଡ୍‌ଲାଇନ୍‌ର ଉଲ୍ଲଂଘନ କରିଛି।

୮. ଦୃଢ଼ ପ୍ରମାଣ ଦର୍ଶାଇଥିଲା ଯେ ବେଦାନ୍ତ ବିରୋଧରେ ୟୁକେଏନସିପିର ନିର୍ଦ୍ଧାରଣ କମ୍ପାନୀର ପ୍ରତିଷ୍ଠା ପ୍ରତି ବିରାଟ ଝଟ୍‌କା ଥିଲା, ଫଳସ୍ୱରୂପ ବେଦାନ୍ତର କିଛି ଶେୟାରହୋଲ୍ଡର ପୁଂଜି ପ୍ରତ୍ୟାହାର କରିଥିଲେ। ଇଂଲଣ୍ଡର ବଡ଼ ବଡ଼ ଏନଜିଓମାନେ ଏନସିପିର ଚୂଡ଼ାନ୍ତ ଷ୍ଟେଟମେଂଟ୍ (ନିର୍ଦ୍ଧାରଣ)କୁ ହାଇଲାଇଟ୍ କରିବା ଏବଂ ନୈତିକତା ଦୃଷ୍ଟିରୁ ପୁଂଜି ପ୍ରତ୍ୟାହାର କରିବାକୁ ବୁଝାଇ ପ୍ରାଥମିକ ସ୍ତରରେ ଅଭିଯାନ ଚଳାଇବା ଯୋଗୁଁ ଏହା ସମ୍ଭବ ହୋଇଥିଲା ।

୯. ରିପୋର୍ଟରୁ ଜଣାଯାଏ ଯେ, ଯଦିଓ ଏହା କିଛି ଭାବରେ ପ୍ରଭାବିତ କରିଥିଲା, ତେବେ ଏନସିପି ସିଦ୍ଧାନ୍ତର ପ୍ରଭାବକାରିତା ଅଧିକ ମଜଭୁତ ହୋଇଥାନ୍ତା ଯଦି ଏନସିପି ଉଦ୍ଦେଶ୍ୟ ସାଧନକୁ ଆଗକୁ ନେବା ପାଇଁ ଅଧିକ ପଦକ୍ଷେପ ଗ୍ରହଣ କରାଯାଇଥାନ୍ତା, ବିଶେଷକରି ଯଦି ଇଂଲଣ୍ଡ ସରକାର ନେଇଥାନ୍ତେ। ଅତି କମ୍‌ରେ, ୟୁକେଏନସିପି ଅବା ଇଂଲଣ୍ଡ ସରକାର ଏବଂ ପ୍ରାଂସଗିକ ଭାରତୀୟ ବିଭାଗଗୁଡ଼ିକ ମଧ୍ୟରେ ସମନ୍ୱୟ ଅବା କିଛି ଯୋଗାଯୋଗ ହେବାର ଆବଶ୍ୟକତା ଥିଲା ଏବଂ ଓଡ଼ିଶାରେ ଷ୍ଟେକ୍‌ହୋଲ୍ଡରଙ୍କୁ ସିଦ୍ଧାନ୍ତ ବିଷୟରେ ବ୍ୟାପକ ଭାବରେ ଜଣାଇ ଦିଆଯିବାର ଥିଲା।

୧୦. ଏନ୍‌ସିପିର ସିଦ୍ଧାନ୍ତ ଅନୁଯାୟୀ, ଭବିଷ୍ୟତରେ ମାନବାଧିକାର ସୁରକ୍ଷା ଓ ସମ୍ମାନ ଦୃଷ୍ଟିରୁ, ଇକ୍ୱେଟର ପ୍ରିନସିପଲ୍ ବ୍ୟାଙ୍କସ ଦ୍ୱାରା ବେଦାନ୍ତକୁ ଋଣ ପ୍ରଦାନ ସଂସ୍କାରର ପ୍ରମାଣ ଉପରେ ପର୍ଯ୍ୟବସିତ ହେଲା, ଯେଉଁଥିପାଇଁ ବେଦାନ୍ତ ଭିତରେ ଅନେକ ଗୁଡ଼ିଏ ଆଭ୍ୟନ୍ତରୀଣ ନିୟମ ପରିବର୍ତ୍ତନ ହୋଇଥିଲା।

୧୧. ବେଦାନ୍ତ ଭିତରେ ଏହି ସଂସ୍କାରଗୁଡ଼ିକ କମ୍ପାନୀକୁ ଆଇନଗତ ଉପାୟରେ ଓଡ଼ିଶା ସରକାରଙ୍କ ଉପରେ ଚାପ ପକାଇ ନିୟମଗିରି ପାହାଡ଼ରୁ ବକ୍ସାଇଟ୍ ସଂପୂର୍ଣ୍ଣ ଭାବେ ନେବା ଉଦ୍ୟମରୁ ବିରତ ପାଇଁ ନ ଥିଲା। ଅନ୍ୟ ଉତ୍ସରୁ ବକ୍ସାଇଟ୍ ଆଣିବାରୁ ବିରତ ରହିବା ନେଇ ବେଦାନ୍ତ ଉପରେ ଏହା ପ୍ରଭାବ ନଥିଲା ଯାହାକି ନକାରାତ୍ମକ ଭାବେ ଆଦିବାସୀ ସଂପ୍ରଦାୟ ଉପରେ ମଧ ପ୍ରଭାବ ପକାଇଥାନ୍ତା। ସର୍ଭାଇଭାଲ ଇଂଟରନ୍ୟାସନାଲ୍ ଦ୍ୱାରା ପରିଚାଳିତ ଓଡ଼ିଶା ପାଇଁ ଏକ ତଥ୍ୟ-ଅନୁସନ୍ଧାନକାରୀ ଦଳ, ୟୁକେଏନସିପି ପାଖରେ ୨୦୦୯ ଡିସେମ୍ବର ୨୩ ତାରିଖରେ ଜଣାଇଥିଲେ ଯେ ବେଦାନ୍ତ ୟୁକେଏନସିପିର ଚୂଡ଼ାନ୍ତ ଷ୍ଟେଟ୍‌ମେଂଟ୍‌ରେ ରହିଥିବା ସୁପାରିସଗୁଡ଼ିକ ପାଳନ କରିବା ପାଇଁ ଆଦୌ କିଛି କରି ନାହିଁ।[୧]

୧୨. ଏନ୍‌ସିପି ନିର୍ଦ୍ଧାରଣ ଭାରତରେ ପ୍ରଶାସନିକ ଏବଂ ବିଚାର ବିଭାଗୀୟ ସିଦ୍ଧାନ୍ତକୁ ପ୍ରଭାବିତ କରିବାର ନଗଣ୍ୟ ପ୍ରମାଣ ରହିଛି, ଯଦିଓ ଏହି ଅଧ୍ୟୟନର କିଛି ସାକ୍ଷାତକାର ସୂଚିତ କରେ ଯେ ତତ୍କାଳୀନ ପରିବେଶ ମନ୍ତ୍ରୀ ଜୟରାମ ରମେଶ ନିର୍ଦ୍ଧାରଣ ସମ୍ବନ୍ଧରେ ଅବଗତ ଥିଲେ ଏବଂ ଖଣି ନ ଦେବା ପାଇଁ ତାଙ୍କ ନିଷ୍ପତିକୁ ଏହା ସାହାଯ୍ୟ କରିଥିଲା।

ଭାରତୀୟ ଅଦାଲତରେ ମୁକ୍ତ, ଆଗୁଆ ଏବଂ ସୂଚିତ ସହମତିର ଏକ ନିଦର୍ଶନ

୧୩. ଦେଶୀୟ ଲୋକ ସମ୍ବନ୍ଧୀୟ ଅନ୍ତର୍ଜାତୀୟ ଆଇନ ଅନୁସାରେ ଏକ ପ୍ରକଳ୍ପ ନେଇ ଦେଶୀୟ ଲୋକମାନଙ୍କର ସହମତି, ପରାମର୍ଶକୁ ବିରୋଧ, ପ୍ରକଳ୍ପକୁ ନିଷେଧ କରିବାକୁ ସେମାନଙ୍କୁ ଅଧିକାର ଦେବାର ଅଛି।[୨] ଏହା ମୁକ୍ତ, ଆଗୁଆ ଏବଂ ସୂଚିତ ସହମତି (ଏଫପିଆଇସି) ଭାବେ ପରିଚିତ ଅଟେ।

୧୪. ପରିଶେଷରେ, ଭାରତର ସୁପ୍ରିମକୋର୍ଟଙ୍କ ରାୟ ଦ୍ୱାରା ଖଣି ଆବଂଟନ ବନ୍ଦ ହେଲା ଏବଂ ଖଣି ସଂପର୍କରେ ନିଷ୍ପତି ଭାରତରେ ନିମ୍ନ ସ୍ତରରେ -ଗ୍ରାମସଭା ଅଥବା ଗ୍ରାମ୍ୟ ପରିଷଦ ଦ୍ୱାରା କରିବାକୁ ଅଦାଲତ ନିର୍ଦ୍ଦେଶ ଦେଲେ। ଗ୍ରାମସଭା ଗାଁର ପ୍ରତ୍ୟେକ ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନେଇ ଗଠିତ। ଅବଶ୍ୟ ୨୦୦୨ ଜୁନ୍ ୨୬ ତାରିଖରେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା, ତେବେ ଏହା ଦୁର୍ବଳ ଆଇନ ଅଧୀନରେ

କରାଯିବା ଏବଂ ଦୁର୍ନୀତି ଓ ଡରାଇ ଦମନ କରିବା ଅଭିଯୋଗକୁ ନେଇ ବିବାଦୀୟ ହୋଇଥିଲା। ଖଣି ପାଇଁ ଜମି ହସ୍ତାନ୍ତର ଉପରେ ମତ ଗ୍ରହଣ ଦ୍ୱିତୀୟ ଥର ପାଇଁ ୨୦୧୩ରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ଜଙ୍ଗଲ ଅଧିବାସୀ (ଜଙ୍ଗଲ ଅଧିକାର ଅନୁମତି)ଆଇନ ୨୦୦୬ (ଜଙ୍ଗଲ ଅଧିକାର ଆଇନ) ଅଧୀନରେ ଗୋପନ ଭୋଟ୍ ଜରିଆରେ ହୋଇଥିଲା। ୧୨ଟି ଗାଁ ସର୍ବସମ୍ମତ ଭାବେ ଖଣି ବିରୋଧରେ ଭୋଟ୍ ଦେଇଥିଲେ।

୧୫. ପ୍ରଥମ ଥର ପାଇଁ ଆଦିବାସୀଙ୍କ ଅଧିକାର (ଅବା ପାରମ୍ପରିକ ଅଧିକାର)[୩] ର ନିରୂପଣ ଏବଂ ପରିସର ଘୋଷଣା କରିବା, ସେମାନଙ୍କ ସାମୂହିକ ସମସ୍ୟା, ସାଂପ୍ରଦାୟିକ ଦାବିର ବିଚାର କରିବା ପାଇଁ ଜଙ୍ଗଲ ଅଧିକାର ଆଇନର ସାହାରା ନିଆ ଯାଇଥିଲା। ନାମଞ୍ଜୁର ଏବଂ ବହିଷ୍କାର କରିବାର କ୍ଷମତା ଅନ୍ତର୍ଭୁକ୍ତ କରିବା ପାଇଁ 'ବିଚାରବିମର୍ଶ କର୍ତବ୍ୟ'ର ଊର୍ଦ୍ଧ୍ୱରେ ପ୍ରଥମ ଥର ପାଇଁ 'ସାଂପ୍ରଦାୟିକ ସହମତି' ବ୍ୟବସ୍ଥା କରାଯାଇଥିଲା।

୧୬. ଭାରତର ନୂତନ କ୍ଷମତାସଂପନ୍ନ ଗ୍ରାମସଭା ମୁକ୍ତ ଅବାଧ, ଆଗୁଆ ଏବଂ ସୂଚିତ ସହମତିର ଏକ ଶ୍ରେଷ୍ଠ ମଡେଲ ଭାବେ କାର୍ଯ୍ୟ କରିପାରିବ। ଏହି ପ୍ରକ୍ରିୟା ଏକ ଉପଯୋଗୀ ମଡେଲ୍ର ଉପସ୍ଥାପନକୁ ସୁନିଶ୍ଚିତ କରେ ଯେ ଖଣି ଖନନ ଏବଂ ଜମି ହସ୍ତାନ୍ତର ସଂପର୍କିତ ନିଷ୍ପତିଗୁଡ଼ିକ ସଂପ୍ରଦାୟ ହାତରେ ରହିବ ଅର୍ଥାତ୍ ନିଜ ଭାଗ୍ୟ ସେମାନେ ନିଜେ ହିଁ ନିର୍ଦ୍ଧାରଣ କରିବେ।

ଅପହଂଚ ଗୋଷ୍ଠୀମାନଙ୍କ ପାଇଁ ସମାଧାନ ଖୋଜିବାରେ ପ୍ରତିବନ୍ଧକ

୧୭. ଏହି ମାମଲାର ସକାରାତ୍ମକ ଫଳ ସତ୍ୱେ, ଉଭୟ ଲାଂଜିଗଡ଼, ରିଫାଇନାରୀ ଅଂଚଳ ଏବଂ ନିୟମଗିରି ପାହାଡ଼ରେ ମାନବାଧିକାରର ଉଲ୍ଲଂଘନ ଜାରି ରହିଲା। ୨୦୦୪ରେ ବସବାସ ସ୍ଥିତିର ଅବକ୍ଷୟ ଉପରେ ଏକ ଉଲ୍ଲେଖନୀୟ ତଥ୍ୟ ସଂକଳିତ ହୋଇଥିଲା, ଯେତେବେଳେ ରିଫାଇନାରୀ ନିର୍ମାଣ ସରିଥିଲା ଏବଂ ଖଣି ପ୍ରଥମେ ମଂଜୁରୀ ଦିଆଯାଇଥିଲା। ସଂଘର୍ଷ ଏବଂ ଦମନଲୀଳାର ଏକ ବାତାବରଣ ଲାଗି ରହିଥିଲା। ଏବେ ବି, ଡଙ୍ଗରିଆ କନ୍ଧମାନେ ସେମାନଙ୍କ ଜମିର ସୁରକ୍ଷା କରିବାରେ ସଫଳ ଅଛନ୍ତି।

୧୮. ଓଡ଼ିଶା ସରକାର ବିଚାର ବିଭାଗୀୟ ଉପାୟରେ ନିୟମଗିରି ପାହାଡ଼ରେ ବକ୍ସାଇଟ୍ ପାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ଖଣି ଦିଆଯିବା ପ୍ରସ୍ତାବ ଉପରେ ବିଚାର ନିମିତ ନିୟମଗିରି ପାହାଡ଼ରେ ପୁନଃ ଗ୍ରାମସଭା କରିବା ନିମନ୍ତେ ଓଡ଼ିଶା ଖଣି ନିଗମ କରିଥିବା ଆବେଦନକୁ ୬ ମେ ୨୦୧୬ରେ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ୨୦୧୩ରେ ଗ୍ରାମସଭା ଏହି ପ୍ରସ୍ତାବକୁ ରଦ୍ଦ କରିଥିଲା।[୪] ଡଙ୍ଗରିଆ କନ୍ଧଙ୍କ ଜମିରେ ଖଣି ଖନନ କରିବାକୁ ଓଡ଼ିଶା ସରକାରଙ୍କ ଲକ୍ଷ୍ୟ ଏଥିରୁ ବାରି ହେଉଛି। ଅନ୍ୟପକ୍ଷରେ, ୨୦୧୬ରେ ସୁପ୍ରିମକୋର୍ଟଙ୍କ ନିଷ୍ପତି ଏହାର ପୂର୍ବ ନିଷ୍ପତି ଗ୍ରାମସଭାକୁ ଏକ ଗଣତାନ୍ତ୍ରିକ ପ୍ରତିଷ୍ଠାନ ଓ କର୍ତୃପକ୍ଷର ବୈଧତାକୁ ଦୃଢ଼ୀଭୂତ କରେ।

୧୯. ଅପହଂଚ ଏବଂ ବିପଦଗ୍ରସ୍ତ ଗୋଷ୍ଠୀଙ୍କ ସମସ୍ୟାର ସମାଧାନ ଏବଂ ଶକ୍ତିଶାଳୀ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ବିରୋଧରେ ଆଇନ ଲାଗୁ ହେବାରେ ପ୍ରବଳ ପ୍ରତିବନ୍ଧକ ରହିଥିବା କେସ୍ ଷ୍ଟଡି ସୂଚିତ କରେ। ଖଣି ବନ୍ଦ କରିବାରେ ସଫଳତା ପାଇବା ପାଇଁ ଭାରତ ଏବଂ ଭାରତ ବାହାରେ ନିର୍ଭରଯୋଗ୍ୟ ଏବଂ ଅଭିଜ୍ଞ ମାନବାଧିକାର ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ସ୍ଥାନୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉଦ୍ୟମ ସତ୍ୱେ ଏକ ଦଶନ୍ଧିରୁ ଅଧିକ ସମୟ ଲାଗିଲା। ପ୍ରାୟତଃ ପ୍ରତ୍ୟେକ କୋର୍ଟ, ପ୍ରଶାସନିକ ସଂସ୍ଥା ଏବଂ ଅଣ-ବିଚାର ବିଭାଗୀୟ ସଂସ୍ଥାରେ ମାମଲା ଆସିଥିବା ବେଳେ ତାହା ଡଙ୍ଗରିଆ କନ୍ଧଙ୍କ ସପକ୍ଷରେ ଯାଇଥିଲା ଏବଂ ରାଜ୍ୟ ଓ ଜାତୀୟ ଆଇନ ଏବଂ ଅନ୍ତର୍ଜାତୀୟ ମାନବାଧିକାର ନିୟମ ପାଳନ କରିବାରେ ବେଦାନ୍ତ ଏବଂ ଓଡ଼ିଶା ଖଣି ନିଗମ ବିଫଳ ହେବାର ମନ୍ତବ୍ୟ ମିଳିଥିଲା। ଏହା ଉଲ୍ଲେଖନୀୟ ଯେ, ଏହା ସତ୍ୱେ ଖଣି ଅନୁମତି ରଦ୍ଦ କରିବା ପାଇଁ ଭାରତର ଅନ୍ୟତମ ସୁପରିଚିତ ମାନବାଧିକାର ଲିଗାଲ୍ ଟିମ୍ ତରଫରୁ ଅସାଧାରଣ ଉଦ୍ୟମ ଏବଂ ଅନ୍ତର୍ଜାତୀୟ ସ୍ତରରେ ଅଭିଯାନ କରିବାକୁ ପଡ଼ିଥିଲା।

ଅଣ-ବିଚାର ବିଭାଗୀୟ ବ୍ୟବସ୍ଥା ଏବଂ ବ୍ୟବସାୟ ପାଇଁ ମହତ୍ୱପୂର୍ଣ୍ଣ ଶିକ୍ଷା

୨୦. ସମସ୍ତ ବ୍ୟବସାୟ କାର୍ଯ୍ୟକଳାପ ମଧ୍ୟରେ ମାନବିକ ଅଧିକାରକୁ କିପରି ସମ୍ମାନ ଦିଆଯିବ ବ୍ୟବସାୟ ଦ୍ୱାରା ମିଳିଥିବା ଶିକ୍ଷାକୁ ପ୍ରୋତ୍ସାହନ ଦେବା ଅଣ-ବିଚାର ବିଭାଗୀୟ ବ୍ୟବସ୍ଥାର ଏକ ପ୍ରମୁଖ ଉଦ୍ଦେଶ୍ୟ ହେବା ଉଚିତ୍।

୨୧. ବେଦାନ୍ତ ମାମଲା ବ୍ୟବସାୟ ଜଗତ ପାଇଁ ମହତ୍ୱପୂର୍ଣ୍ଣ ଶିକ୍ଷା ପ୍ରଦାନ କରେ। ଏହା ଦର୍ଶାଏ ଯେ ଯେତେବେଳେ ବ୍ୟବସାୟ କାର୍ଯ୍ୟକଳାପ ଦ୍ୱାରା ପ୍ରଭାବିତ ହେଉଥିବା ଗୋଷ୍ଠୀଙ୍କଠାରୁ ଯଦି ଆଇନ ଅନୁଯାୟୀ ଉପଯୁକ୍ତ ସହମତି ନିଆଯାଇ ନାହିଁ, ତେବେ ଏହା ବିଭିନ୍ନ ମଂଚରେ ବିବାଦ ସୃଷ୍ଟି କରେ ଏବଂ ବ୍ୟବସାୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଏ। ଏହି ମାମଲାରେ, ଯେଉଁଠି ବେଦାନ୍ତ ବକ୍ସାଇଟ୍ ଯୋଗାଣର ପୂର୍ଣ୍ଣ ଭରସାରେ ବିପୁଳ ଅର୍ଥ ବ୍ୟୟ କରି ଏକ ରିଫାଇନାରୀ ନିର୍ମାଣ କରିଥିଲା, କମ୍ପାନୀ ଖଣି ଅବା ବକ୍ସାଇଟ୍ର ବିକଳ୍ପ ଉତ୍ସ ପଛରେ ଧାଇଁଥିଲା।

କମ୍ପାନୀର ଏହା ଏକ ବିପଜ୍ଜନକ ପଦକ୍ଷେପ ଥିଲା । ଯଦି କମ୍ପାନୀ ନିୟମ ମୁତାବକ ପ୍ରଥମେ ସ୍ଥାନୀୟ ଅଧିବାସୀଙ୍କଠାରୁ ସହମତି ନେଇଥାନ୍ତା ଏବଂ ତା ପରେ ରିଫାଇନାରୀ ନିର୍ମାଣରେ ପୁଂଜି ବିନିଯୋଗ ନିଷ୍ପତି ନେଇଥାନ୍ତା, ତେବେ ଏହାର ଏତେ ଆର୍ଥିକ କ୍ଷତି ହୋଇନଥାନ୍ତା ।

୨୨. ସଂପ୍ରଦାୟ, ଏନଜିଓ, ଅଣ-ବିଚାର ବିଭାଗୀୟ ବ୍ୟବସ୍ଥା ଏବଂ ବ୍ୟବସାୟ ପାଇଁ ଅଧିକ ବିଷୟ ଏହି ରିପୋର୍ଟ ଶେଷରେ ଆଲୋଚନା କରାଯାଇଛି ।